# Akashvani, Sambalpur

## SAMBALPURI NEWS EVENING BULLETIN

## 9 August 2024- 7.02 pm- 7.12 pm.

*******************************************

୧- ଆଏଜ୍ ସାରା ଦେଶେ ପାଲନ୍ ହେଉଛେ ଅଗଷ୍ଟ କ୍ରାନ୍ତି ଦିବସ୍ ।

- ଭାରତ୍ ଛାଡ୍ ଆନ୍ଦୋଲନ୍ ଦେଶ୍ ସ୍ୱାଧୀନତା ସଂଗ୍ରାମ୍‌ର ଗୁଟେ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ସ୍ୱାଧୀନତା ସଂଗ୍ରାମୀମାନ୍‌କର୍ ପରିବାର୍‌କେ ଚିହ୍ନଟ୍ କରାଯାଇକରି ଦିଆଯିବା ଉପଯୁକ୍ତ ସମ୍ମାନ୍-କହେଲେ ମୁଖ୍ୟମନ୍ତ୍ରୀ ।

୨- ସଂସଦ୍‌ର ବଜେଟ୍ ଅଧିବେଶନ୍ ଅନିର୍ଦ୍ଦିଷ୍ଟ ସମିଆ ଲାଗି ହେଲା ମୁଲ୍‌ତବୀ ।

୩- ସୁନ୍ଦର୍‌ଗଡ୍, କଲାହାଣ୍ଡି ସହେତେ ୮ ଟା ଜିଲ୍ଲା ନ ୧୪ ଟା ନୂଆଁ ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟିତ୍ ।

୪- ଜନଜାତି ସମ୍ପ୍ରଦାୟର୍ ଲୁକ୍‌କର୍ ଅଧିକାର୍, ସୁରକ୍ଷାର ବାର୍ତା ନେଇକରି ଆଏଜ୍ ସାରା ପୁର୍‌ଥି ନ ପାଲନ୍ ହେଉଛେ ଜନଜାତି ଦିବସ୍ ।

ଆଉର୍

୫- ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଉପର୍‌ମୁଡ଼େ ବଢୁଛେ ଜଲ୍‌ସ୍ତର୍ ।

- ଆଏଜ୍ ଖୁଲ୍‌ଲା ଆଉ ୬ ଟା ଗେଟ୍ ।

ଅଗଷ୍ଟ କ୍ରାନ୍ତି ଦିବସ୍        ଆର୍‌ଏନ୍‌ୟୁ/ କଟକ୍

ଆଏଜ୍ ସାରା ଦେଶେ ଅଗଷ୍ଟ କ୍ରାନ୍ତି ଦିବସ୍ ପାଲନ୍ କରାଯାଉଛେ । ସ୍ୱାଧୀନତା ସଂଗ୍ରାମ୍‌ର ସବୁଠାନୁ ବଡ଼ ଇଂରେଜ ବିରୋଧୀ ଆନ୍ଦୋଲନ୍ ଆଝିର୍ ଦିନେ ମୁଲ୍ ହେଇଥିଲା । ୧୯୪୨ ମସିହା ଅଗଷ୍ଟ ୮ ତାରିଖ୍ ଦିନ ଭାରତୀୟ ଜାତୀୟ କଂଗ୍ରେସ୍ ଇଂରେଜ୍ ସର୍‌କାର୍ ବିରୋଧିଥି ଭାରତ୍ ଛାଡ଼୍ ଆନ୍ଦୋଲନ୍‌ର ଡାକ୍‌ରା ଦେଇଥିଲା । ଇତାର୍ ଉତ୍‌ରୁ ଆନ୍ଦୋଲନ୍ କ୍ରାନ୍ତିର୍ ରୂପ୍ ନେଇଥିଲା । ମହାତ୍ମାଗାନ୍ଧୀଙ୍କର୍ ଭାରତ୍ ଛାଡ଼୍ ଆନ୍ଦୋଲନ୍ ଡାକ୍‌ରା 'କର ନାହେତ ମର' ଥିତି ସୃଷ୍ଟି କରିଥିଲା । ମୁମ୍ବାଇର ଅଗଷ୍ଟ କ୍ରାନ୍ତି ପଡ଼ିଆନୁ ମୁଲ୍ ହେଇଥିବା ଇ ଅଭିଯାନ୍‌କେ ଅଗଷ୍ଟ କ୍ରାନ୍ତି ଦିବସ୍ ଭାବେ ପାଲନ୍ କରାଯାଏସି । ଅଗଷ୍ଟ କ୍ରାନ୍ତ ଦିବସ୍‌ଥି ଦେଶେ ଭିନ୍ ଭିନ୍ ଜାତୀୟତାବୋଧ କାର୍ଯ୍ୟକ୍ରମ୍ ମାନ୍ ଆଏଜ୍‌ଠାନୁ ସ୍ୱାଧୀନତା ଦିବସ୍‌ତକ୍ ପାଲନ୍ କରାଯିବା । ଭାରତ୍‌ଛାଡ଼୍ ଆନ୍ଦୋଲନ୍‌ର ବଛର୍ ପୁରା ହେବାର୍ ଉଧେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ମହାତ୍ମାଗାନ୍ଧୀଙ୍କର୍ ନେତୃତ୍ୱଥି ଆନ୍ଦୋଲନ୍‌ଥି ଭାଗ୍ ନେଇଥିବା ସଂଗ୍ରାମୀମାନ୍‌କୁ

ଶ୍ରଦ୍ଧାଞ୍ଜଳି ଦେଇଛନ୍ । ଗୁଟେ ସାମାଜିକ୍ ଗଣମାଧମ୍ ପୋଷ୍ଟ୍‌ଥି ପ୍ରଧାନ୍‌ମନ୍ତ୍ରୀ ଭାରତ୍‌ଛାଡ଼୍ ଆନ୍ଦୋଲନ୍‌ଥି ସ୍ୱାଧୀନତା ସଂଗ୍ରାମ୍‌ର ଗୁଟେ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ ବଲି କହିଛନ୍ ।

ଇ ଉଧେ ଗୁଟେ ଭିଡ଼ିଓ ବାର୍ତାଥି ନିଜର୍ ମତ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ଯେ, ଔପନିବେଶିକ ଶାସନ୍‌ନୁ ମୁକ୍‌ଲିବାର୍ ଲାଗି ଭାରତ୍‌ର ସଂଗ୍ରାମ୍‌ଥି ଭାରତ୍‌ଛାଡ଼୍ ଆନ୍ଦୋଲନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍‌କେ ଫେର୍‌ଘାଏ ସ୍ମରଣୀୟ ଜନଆନ୍ଦୋଲନ୍ କର୍‌ବାର୍‌କେ ଶ୍ରୀ ମୋଦୀ ଲୋକ୍‌ମାନ୍‌କୁ ଉତ୍ସାହିତ୍ କରିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଅଗଷ୍ଟ କ୍ରାନ୍ତି ଦିବସ୍ ଉଧେ ରାଜ୍ୟପାଲ୍ ରଘୁବର୍ ଦାସ କହିଛନ୍ ଯେ, ସ୍ୱାଧୀନତା ଆନ୍ଦୋଲନ୍‌ର ପ୍ରତୀକ୍ ହେଉଛେ ଅଗଷ୍ଟ କ୍ରାନ୍ତି ଦିବସ୍ । ଇ ଅବ୍‌ସରେ ସେ ସ୍ୱାଧୀନତା ସଂଗ୍ରାମୀମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧମ୍‌ଥି କହିଛନ୍ ଯେ, ଦେଶର୍ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ସ୍ୱାଧୀନତା ଆନ୍ଦୋଲନ୍‌ଥି ସଂଗ୍ରାମୀମାନ୍‌କର୍ ତ୍ୟାଗ ଆଉ ବଳିଦାନ୍ ଯୁଗ୍ ଯୁଗ୍ ଧରିକରି ଆମର୍ ଲାଗି ଆଦର୍ଶ ହେଇକରି ରହେବା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ତାଙ୍କର୍ ବାର୍ତାଥି କହିଛନ୍ ଯେ, ଦେଶର୍ ସ୍ୱାଧୀନତା ଲାଗି ବଳିଦାନ୍ ଦେଇଥିବା ସବୁ ସଂଗ୍ରାମୀଙ୍କର୍ ଅବଦାନ୍ ସବୁବେଳେ ମନେ ରହେବା ।

କ୍ରାନ୍ତି ଦିବସ୍ କାର୍ଯ୍ୟକ୍ରମ୍-ମୁଖ୍ୟମନ୍ତ୍ରୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ସ୍ୱାଧୀନତା ସଂଗ୍ରାମୀମାନ୍‌କର୍ ପରିବାର୍‌କେ ଚିହ୍ନଟ୍ କରିକରି ସେମାନ୍‌କୁ ପରିଚୟ ଦେବାର୍ ସହେତେ ଉପଯୁକ୍ତ ସମ୍ମାନ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ନ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ତର୍‌ଫୁ ହେଇଥିବା କ୍ରାନ୍ତି ଦିବସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଜ୍ୟ ସର୍‌କାର୍ କୁଟୁମ୍ବ୍ ଯୋଜ୍‌ନା ସ୍ୱାଧୀନତା ସଂଗ୍ରାମୀମାନ୍‌କର୍ ପରିବାର୍‌କେ ପେନ୍‌ସନ୍ ଦେବାର୍ ଲାଗି ବିଚାର୍ କରୁଛନ୍ । ଆଝିର୍ ଦିନ୍ ହେଉଛେ ଦେଶ୍ ଲାଗି ଅସୀମ୍ ତ୍ୟାଗ୍ କରିଥିବା ସଂଗ୍ରାମୀ ମାନ୍‌କର୍ ସଂଘର୍ଷ ଆଉ ବଲିଦାନ୍‌କେ ମନେ ପକେଇକରି ସେମାନ୍‌କର୍ ଜୀବନ୍‌ନୁ ପ୍ରେରଣା ନେବାର୍ ଦିନ୍ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ କହିଛନ୍ ଯେ, ୨୦୩୬ ମସିହାଥି ସ୍ୱତନ୍ତ୍ର ଓଡ଼ିଶା ଆଉ ୨୦୪୭ ମସିହାଥି ସ୍ୱାଧୀନତାର ଶତବାର୍ଷିକୀ ପାଲନ୍ ହେବା । ସେଥିର୍‌ଲାଗି ବିକଶିତ ଭାରତ୍ ଆଉ ବିକଶିତ ଓଡ଼ିଶା ଲକ୍ଷ୍ୟ ନେଇକରି ରୋଡ୍‌ମେପ୍ ପ୍ରସ୍ତୁତ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବଜେଟ୍ ଅଧିବେଶନ୍        ଏନ୍‌ଏସ୍‌ଡି

ସଂସଦ୍‌ର ବଜେଟ୍ ଅଧିବେଶନ୍ ଗୁଟେ କାର୍ଯ୍ୟଦିବସ୍ ଆଗ୍‌ରୁ ଆଏଜ୍‌ଠାନୁ ଅନିର୍ଦ୍ଧିଷ୍ଟ ସମିଆ ଲାଗି ମୁଲ୍‌ତବୀ ଘୋଷ୍‌ନା କରାଯାଇଛେ ।  ଇ ବାବ୍‌ଦେ ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ ଯେ, ଗଲା ମାସ ୨୨ ତାରିଖ୍ ଦିନ ବଜେଟ୍ ଅଧିବେଶନ୍ ମୁଲ୍ ହେଇଥିଲା । ଇ ଅଧିବେଶନ୍‌ଥି ୧୫ ଟା ବୈଠକ୍ କରାଯାଇଥିଲା । ସେ ଆହୁରି କହିଛନ୍ ଯେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଗଲା ମାସ ୨୩ ତାରିଖ୍ ଦିନ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ୍ କରିଥିଲେ । ଇ ବଜେଟ୍ ଉପ୍‌ରେ ୨୭ ଘଂଟା ୧୯ ମିନିଟ୍ ଧରିକରି ଲୋକ୍‌ସଭା ନ ଆଲୋଚନା ହେଇଥିଲା । ଅଧିବେଶନ୍‌ଥି ଗୃହ ନ ଅର୍ଥ ବିଲ୍ ସହେତେ ୪ ଟା ବିଲ୍ ପାସ୍ କରାଯାଇଛେ । ସେଆଡ଼େ ରାଜ୍ୟସଭା ଅଧ୍ୟକ୍ଷ ଜଗ୍‌ଦୀପ୍ ଧନ୍‌ଖଡ୍ କହିଛନ୍ ଯେ, କେନ୍ଦ୍ରୀୟ ବଜେଟ୍ ଉପ୍‌ରେ ରାଜ୍ୟସଭା ନ ୨୨ ଘଂଟା ତକ୍ ଆଲୋଚନା ହେଇଛେ ଆର୍ ୯୦ ଘଂଟା ତକ୍ ଇ ଅଧିବେଶନ୍ ଚାଲିଥିଲା ।

ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଆଭାସୀ ଜରିଏ ସୁନ୍ଦର୍‌ଗଡ୍ ଆର୍ କଲାହାଣ୍ଡି ସହେତେ ୮ ଟା ଜିଲ୍ଲା ନ ୧୪ ଟା ନୂଆଁ ସ୍ନାତକ ମହାବିଦ୍ୟାଲୟ ଉଦ୍‌ଘାଟିତ୍ ହେଇଯାଇଛେ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଇ ସବୁକେ ଉଦ୍‌ଘାଟନ୍ କରିକରି ଶିକ୍ଷା ଜରିଏ ଯୁବପିଢ଼ି ନିଜ୍‌କେ ସଶକ୍ତ କର୍‌ବାର୍ ସହେତେ ସମାଜ୍ ନ ପରିବର୍ତ୍ତନ୍ ଆନିପାର୍‌ବେ ବଲି କହିଥିଲେ ।

ଜନଜାତି ଦିବସ୍     ଆର୍‌ଏନ୍‌ୟୁ କଟକ୍/ ସୁବର୍ଣ୍ଣପୁର୍/ ନୂଆପଡ଼ା

ଆଏଜ୍ ଆନ୍ତର୍ଜାତୀୟ ଜନଜାତି ଦିବସ୍ । ପୁର୍‌ଥିର୍ ଭିନ୍ ଭିନ୍ ଦେଶର୍ ଜନଜାତି ଲୁକ୍‌କର୍ ଅଧିକାର୍ ଆର୍ ସୁରକ୍ଷା ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍‌କେ ଜାତିସଂଘର୍ ସାଧାରଣ ପରିଷଦ୍‌ର ନିଷ୍ପତି ଅନ୍‌ସାରେ ଇ ଦିନ୍ ପାଲନ୍ କରାଯାଉଛେ । ୧୯୮୨ ମସିହା ଜେନେଭା ଠାନେ ଆୟୋଜିତ ଜନଜାତି ଜନସଂଖ୍ୟା ସମ୍ପର୍କିତ ପହେଲା ଜାତିସଂଘ କାର୍ଯ୍ୟକାରିଣୀ ବୈଠକ୍‌ଥି ଇ ଦିବସ୍‌କେ ସ୍ୱିକୃତୀ ଦିଆଯାଇଥିଲା । ପରିବେଶ୍ ସୁରକ୍ଷା ସାଙ୍ଗେ ଜୁଡ଼ି ହେଇଥିବା ସମସ୍ୟା ମାନ୍‌କର୍ ସମାଧାନ୍ ଦିଗେ ଆଦିବାସୀ ସମ୍ପ୍ରଦାୟର୍ ଭୂମିକାକେ ସମ୍ମାନ୍ ଜନେଇକରି ଇ ଦିବସ୍ ପାଲନ୍ କରାଯାଏସି । ଇ ବଛର୍ ଆନ୍ତର୍ଜାତୀୟ ଜନଜାତି ଦିବସ୍ ପାଲନ୍‌ର ବାର୍ତା ରହିଛେ 'ପାରମ୍ପାରିକ୍ ଜ୍ଞାନର ସଂରକ୍ଷଣ ଓ ପ୍ରସାରରେ ଜନଜାତି ମହିଳାଙ୍କର ଭୂମିକା' । ବିଶ୍ୱ ଜନଜାତି

ଦିବସ ଅବ୍ସରେ ଶୁଭେଚ୍ଛା ଜନେଇକରି ରାଜ୍ୟପାଲ୍ ରଘୁବର ଦାସ ସାମାଜିକ ଗଣମାଧ୍ୟମ୍ଥି କହିଛନ୍ ଯେ, ପ୍ରକୃତିର ପୂଜାରୀ କେନ୍କାଲୁ ସଭ୍ୟତା ଆର୍ ସଂସ୍କୃତିକେ ସାଇତିକରି ରଖ୍ବାର୍ଥି ଜନଜାତି ସମ୍ପ୍ରଦାୟର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛେ ।

ବିଶ୍ୱ ଜନଜାତି ଦିବସ୍ ଉଧେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ଦେଶ୍ ଆର୍ ରାଜ୍ୟର୍ ସବୁ ଜାନଜାତି ସମ୍ପ୍ରଦାୟର୍ ସାମଗ୍ରିକ ବିକାଶ୍କେ ଗୁରୁତ୍ୱ ଆର୍ ଦେଶର୍ ବିକାଶ୍ଥି ସେମାନ୍କର୍ ଅବଦାନ୍କେ ସମ୍ମାନ୍ ଦେବାର୍ ସର୍କାର୍ଙ୍କର୍ ଦାୟିତ୍ୱ ଆଏ ।

ପର୍ଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଆନ୍ତର୍ଜାତୀୟ ଜନଜାତି ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍ସରେ ସୁବର୍ଣ୍ଣପୁର୍ ଜିଲ୍ଲା ଆଦିବାସୀ କଲ୍ୟାଣ୍ ସଂଘ ତର୍ଫୁ ଗୁଟେ ପାରମ୍ପାରିକ୍ ଶୋଭାଯାତ୍ରା ସହର୍ ପରିକ୍ରମା କରିଥିଲା । ଇଥି ବୀର୍ମହାରାଜ୍ପୁର୍ ବିଧାୟକ୍ ରଘୁନାଥ ଜଗ୍ଦଲା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଷ୍ଟ୍ରର ବିକାଶ୍ଥି ଆଦିବାସୀମାନ୍କର୍ ଯୋଗଦାନ, ଜଙ୍ଗଲ୍ ଆର୍ ପରିବେଶ୍ର ସୁରକ୍ଷା ବାବ୍ଦେ ଆଲୋଚନା କରିଥିଲେ ।

ସେନ୍ତା ନୂଆପଡ଼ା ଠାନେ ଆଦିବାସୀ କଲ୍ୟାଣ୍ ସଂଘ ତର୍ଫୁ ପାଲନ୍ କରାଯାଇଥିବା ଆନ୍ତର୍ଜାତୀୟ ଜନଜାତି ଦିବସ୍ ସମାରୋହ ଅବ୍ସରେ ଗୁଟେ ଶୋଭାଯାତ୍ରା ନୂଆପଡ଼ା ମିନି ଷ୍ଟାଡ଼ିୟମ୍ ନୁ ବାହାରିକରି ସହର୍ ପରିକ୍ରମା କରିଥିଲା । ଇ

ଅବ୍‌ସରେ ହେଇଥିବା ଗୁଟେ ସଭାଥି ସଂଘର୍ କର୍ମକର୍ତାମାନେ ଉଦ୍‌ବୋଧନ୍ ଦେଇଥିଲେ ।

ବୌଦ୍ଧ - ହାତୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମନମୁଣ୍ଡା ବନାଂଚଲ୍ ଶଗଡ଼ା ସେକ୍ସନ୍‌ର ରୁଗୁଡ଼ିକନ୍‌ପା ଗାଁ ନ ହାତୀ ଆତଙ୍କ୍ ଦେଖାଦେଇଛେ । ପାଖାପାଖି ୧୧ ଘର୍‌ନୁ ଅଏତ୍‌କା ହାତୀ ଇ ଗାଁ ରାସ୍ତା ଦେଇକରି ଜଙ୍ଗଲ୍‌କେ ଯାଉଥିବାର୍ ବେଲେ ଲୁକେ ଦେଖିକରି ଡରିଯାଇଛନ୍ । ଇ ହାତୀମାନେ ଇତାର୍‌ଉତ୍‌ରୁ ପାଖର୍ ଜଙ୍ଗଲ୍‌କେ ପଲେଇଛନ୍ ।

ଅଭିଯୋଗ୍ ପ୍ରତିବିଧାନ୍ ଶିବିର ସମ୍ବଲପୁର୍ ସମ୍ବାଦଦାତା

ବିଦ୍ୟୁତ୍ ବିତରଣ୍ କମ୍ପାନୀ- ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ଉପଭୋକ୍ତାମାନ୍‌କର୍ ବିବାଦୀୟ ବିଜ୍‌ଲି ବିଲ୍‌ର ସଂଶୋଧନ୍ ଲାଗି ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା ଆଉ ଦେବ୍‌ଗଡ଼୍ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ଇ ମାସ ଖାସ୍ ଅଭିଯୋଗ୍ ପ୍ରତିବିଧାନ୍ ଶିବିର ଆୟୋଜନ୍ କରାଯାଉଛେ । ଇ ତିନ୍‌ହି ଜିଲ୍ଲାର୍ ଉପଭୋକ୍ତାମାନେ ଧାରିଜ୍ ତାରିଖ୍ ଅନ୍‌ସାରେ

ନିଜର୍ ନିଜର୍ ଇଲାକାର୍ ଶିବିର୍‌ମାନ୍‌କେ ଉପସ୍ଥିତ୍ ରହିକରି ବାକିଥିବା ନିଜର୍ ବିବାଦୀୟ ବିଲ୍ ନେଇକରି ଅଭିଯୋଗ୍ ପଞ୍ଜିକରଣ୍ ଆର୍ ସମାଧାନ୍ କରିପାର୍‌ବେ ।

ନୂଆପଡ଼ା- ଭତା ବଂଟନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ସମ୍ମିଳନୀ କକ୍ଷ ନ ଆଏଜ୍ ଶହେ ୯୪ ଝନ୍ ନୂଆଁ ହିତାଧିକାରୀଙ୍କୁ ଭତା ଦିଆଯାଇଛେ । ଭତା ଦିଆଯିବାର୍ ଉତ୍ସବ୍‌ଥି ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡ଼ିଆଲ୍ ବିଡ଼ିଓ ବୀରସେନା ବେହେରା, ବ୍ଲକ୍ ଉପାଧ୍ୟକ୍ଷା ଗୌତମ୍ ତାଣ୍ଡି ଯୋଗ୍ ଦେଇକରି ଭତା ବାଂଟିଥିଲେ ।

ପୁଲିସ୍ ପ୍ରଶାସନ୍ ସମନ୍ୱୟ ବୈଠକ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିନ୍ ଭିନ୍ ଉନ୍ନୟନ୍ କାର୍ଯ୍ୟକେ ଜଲ୍‌ଦି କର୍‌ବାର୍‌କେ ଜିଲ୍ଲା ପ୍ରଶାସନ୍ ଆଉ ପୁଲିସ୍ ପ୍ରଶାସନ୍‌ର ସମନ୍ୱୟ ବୈଠକ୍ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ୍ ରାଜେନ୍ଦ୍ର ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ବିଭାଗ୍‌ର ଉନ୍ନୟନ୍ କାର୍ଯ୍ୟକ୍ରମ୍ ସ୍ୱଚ୍ଛତାର୍ ସହେତେ କର୍‌ବାର୍‌କେ ପରାମର୍ଶ ଦିଆଯାଇଥିଲା ।

ରାଜ୍ୟ ଭାରୋତଳନ୍ ଚମ୍ପିଆନ୍‌ସିପ୍       ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ଭାରୋତଳନ ଏସୋସିଏସନ୍ ତରଫୁ ବ୍ରହ୍ମପୁର୍ ନ ଆଏଜ୍‌ନୁ ୩ ଦିନ୍‌ତକ୍ ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ୍‌ଥି ୭୧ ନମ୍ବର୍ ରାଜ୍ୟ ଭାରୋତଳନ୍ ଚମ୍ପିଆନ୍‌ସିପ୍ ମୁଲ୍ ହେଇଛେ । ବ୍ରହ୍ମପୁର୍ ବିଧାୟକ୍ କେ. ଅନୀଲ୍ କୁମାର୍ ଇତାର୍ ଉଦ୍‌ଘାଟନ୍ କରିଛନ୍ । ପ୍ରତିଯୋଗିତାଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନୁ ଶହେ ୨୦ ଝନ୍ ପୁରୁଷ ଆଉ ୪୦ ଝନ୍ ମହିଳା ଭାଗ୍ ନେଇଛନ୍ । ଜାତୀୟସ୍ତରଥି ପ୍ରତିଯୋଗିତା ବଛାଯିବାର୍ ଲାଗି ଇ ପ୍ରତିଯୋଗିତାର୍ ଆୟୋଜନ୍ କରାଯାଇଛେ ବଲି ଆସୋସିଏସନ୍‌ର ସଭାପତି ଚିତରଞ୍ଜନ୍ ସ୍ୱାଇଁ କହିଛନ୍ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍          ଆର୍‌ଏନ୍‌ୟୁ/ କଟକ୍

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଉପର୍‌ମୁଡ଼େ ଲଗାତାର୍ ବର୍ଷା ଲାଗି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ବଢୁଛେ । ସେଥିର୍‌ଲାଗି ଆଏଜ୍ ଜଲ୍‌ଭଣ୍ଡାର୍‌ର ଆଉ ୬ ଟା ଗେଟ୍ ଖୁଲାଯାଇଛେ । ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେ ୬ ଶହ ୧୨ ଦଶ୍‌ମିକ୍ ୬/ଶୂନ୍ ଫୁଟ୍ ରହିଛେ । ୧୪ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି

ସେକେଣ୍ଡଥି ୨ ଲାଖ୍ ୫୦ ହଜାର୍ ୨ ଶହ ୨୮ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଫି ସେକେଣ୍ଡଥି ଜଲ୍‌ଭଣ୍ଡାର୍‌କେ ୨ ଲାଖ୍ ୫୮ ହଜାର୍ ୨ ଶହ ୫୪ ଘନଫୁଟ୍ ପାଏନ୍ ଆସୁଛେ ।